SHREE JAGANNATHA TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅଗଷ୍ଟ-୨୦୨୨ August-2022

## ଶ୍ରୀମନ୍ଦିରରେ ରଷିପଞ୍ଚମୀ

ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ରଷିପଞ୍ଚମୀ ନୀତି ଅନୁଷ୍ଠିତ ହୁଏ, ରଜସ୍ୱଳା ଅବସ୍ଥାରେ ଜ୍ଞାତ ବା ଅଜ୍ଞାତରେ ସ୍ତ୍ରୀମାନଙ୍କ ଦ୍ୱାରା ଗୃହର ପାତ୍ରାଦିର ସ୍ପର୍ଶ ଜନିତ ଦୋଷ ବା ପାପର ଶମନ ନିମିତ୍ତ ବ୍ରତ ପାଳନ କରାଯାଏ, ଯେଉଁଥିରେ ସପ୍ତରଷିଙ୍କ ସହ ଅରୁନ୍ଧତୀଙ୍କ ପୂଜନ ହେଉଥିବାରୁ ଏହା ରଷି ପଞ୍ଚମୀ ବ୍ରତ ରୂପେ ଅଭିହିତ ହୁଏ। ବ୍ରତୀମାନେ ତୀର୍ଥସ୍ନାନ ଏବଂ ଉପବାସ ପୂର୍ବକ ପଞ୍ଚମୁରୁଜରେ ସର୍ବତୋ ଭଦ୍ରମଣ୍ଡଳ ଲେଖି ତଦୁପରି ଘଟ ସ୍ଥାପନ କରନ୍ତି ଯାହାକୁ ପଞ୍ଚରତ୍ନ, ପୁଷ୍ପ, ଗନ୍ଧ ଏବଂ ଅକ୍ଷତରେ ପୂଜନ କରାଯାଏ। କଳଶ ପାଖରେ ଅଷ୍ଟଦଳ କମଳ ରଚନା କରି ତାର ଦଳ ଗୁଡ଼ିକରେ କଶ୍ୟପ, ଅତ୍ରି, ଭରଦ୍ୱାଜ, ବିଶ୍ୱାମିତ୍ର ଗୌତମ, ଜମଦଗ୍ନି ଏବଂ ବଶିଷ୍ଠ ଏପରି ସପ୍ତରଷିଙ୍କ ସହ ଅରୁନ୍ଧତୀଙ୍କୁ ମଧ୍ୟ ପ୍ରତିଷ୍ଠା କରି ସେମାନଙ୍କୁ ଷୋଡ଼ଶ ଉପଚାରରେ ପୂଜନ କରାଯାଏ। ମତାନ୍ତରେ ସପ୍ତରଷି ହେଲେ-



'ଗୌତମଶ୍ଚ ଭରଦ୍ୱାଜୋ ବିଶ୍ୱାମିତ୍ର ସ୍ତଥା ମୁନିଃ।
ଜମଦଗ୍ନିର୍ବଶିଷ୍ଠଶ୍ଚ ଅଙ୍ଗିରା ଅତ୍ରିରେବଚ୍ ॥'

ପୂଜନ ପରେ ବ୍ରାହ୍ମଣ ଭୋଜନ କରାଯାଏ।

ଶ୍ରୀମନ୍ଦିରରେ ସ୍ୱୟଂ ମହାଲକ୍ଷ୍ମୀଙ୍କ ଦ୍ୱାରା ଏହି ବ୍ରତ ପାଳିତ ହୁଏ। ଉକ୍ତ ତିଥିରେ ସକାଳ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀଦେବୀ (ମହାଲକ୍ଷ୍ମୀ) ମହାଜନ ସେବକମାନଙ୍କ ଦ୍ୱାରା ରତ୍ନସିଂହାସନରୁ ବିଜେ ହୋଇ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ଆସୀନ ହୁଅନ୍ତି। ବିମାନବଡୁ ସେବକମାନେ ପାଲିଙ୍କିକୁ ମାର୍କଣ୍ଡେଶ୍ୱର ମହାଦେବଙ୍କ ନିକଟକୁ ନେଇଥାନ୍ତି। ସେଠାରେ ଶ୍ରୀଦେବୀଙ୍କ ମାଜଣା ପରେ ମାର୍କଣ୍ଡେଶ୍ୱରଙ୍କ ଉପସ୍ଥିତିରେ ସପ୍ତରଷିଙ୍କୁ ଆବାହନ ପୂର୍ବକ ପୂଜନ ଆଦି କରି କ୍ଷୀର କଦଳୀ ଅନ୍ୟାନ୍ୟ ଫଳ ନୈବେଦ୍ୟ ସମର୍ପଣ କରାଯାଏ। ଏହାପରେ ପୂଜାପଣ୍ଡା ବ୍ରତକଥା ପାଠ କରନ୍ତି, ତା'ପରେ ମହାଲକ୍ଷ୍ମୀଙ୍କ ଆଳତି, ବନ୍ଦାପନା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୁଏ। ସେଦିନ ମହାଲକ୍ଷ୍ମୀଙ୍କ ତରଫରୁ ପୂଜାପଣ୍ଡାଙ୍କୁ ଛଞ୍ଚା ପ୍ରଦାନ କରାଯାଏ। ମାର୍କଣ୍ଡେଶ୍ୱର ପୀଠରେ ଉକ୍ତ ନୀତି ପାଳିତ ହେବାର କାରଣ ରଷି ମାର୍କଣ୍ଡେୟ ଥିଲେ ଜଣେ ପୌରାଣିକ ଯେ ସ୍ୱୟଂଭୂ ଲିଙ୍ଗଙ୍କ ସହ ଏକାକାର ହୋଇଯାଇଥିଲେ।

'ବଟସ୍ୟ ବାୟୁକୋଣେଽପି ମାର୍କଣ୍ଡେୟୋମହାତପାଃ ।
ଲିଙ୍ଗରୂପୀ ସ୍ୱୟଂଭୂତ୍ୱା ବର୍ତ୍ତତେ ପୁରୁଷୋତ୍ତମେ ॥'

### ରଷିପଞ୍ଚମୀ ବ୍ରତ କଥା :

ସତ୍ୟଯୁଗରେ ରାଜା ଶ୍ୟେନଜିତ୍‌ଙ୍କ ରାଜତ୍ୱ କାଳରେ ବେଦଜ୍ଞ ସୁମିତ୍ର ନାମକ ବ୍ରାହ୍ମଣ ତାଙ୍କର ପତ୍ନୀ ପତିବ୍ରତା ଜୟଶ୍ରୀଙ୍କ ସହ ବାସ କରୁଥିଲେ। ଏକଦା ରଜସ୍ୱଳା ଅବସ୍ଥାରେ ଅଜ୍ଞାନରେ ଗୃହର ସମସ୍ତ କାର୍ଯ୍ୟ କରିବା ସହ ପତିଙ୍କୁ ମଧ୍ୟ ସ୍ପର୍ଶ କରିଥିଲେ। ଦୈବଯୋଗରେ ପତିପତ୍ନୀଙ୍କ ଦେହାନ୍ତ ଏକ ସମୟରେ ହୋଇଥିଲା। ରଜସ୍ୱଳା ଅବସ୍ଥାରେ ସ୍ପର୍ଶାସ୍ପର୍ଶ ବିଚାର ନ କରିଥିବା କାରଣରୁ ପତ୍ନୀ କୁକ୍କୁରୀ ଏବଂ ପତି ବଳଦ ଯୋନି ପ୍ରାପ୍ତ ହୋଇ ସଂଯୋଗବଶତଃ ଏ ଜନ୍ମରେ ନିଜ ଘରେ ପୁଅ-ବୋହୂଙ୍କ ଆଶ୍ରିତ ହୋଇ ରହିଥିଲେ। ପୂର୍ବଜନ୍ମର ପୁଣ୍ୟ ହେତୁ ସେ ଦୁହେଁ ଜାତିସ୍ମର ଥିଲେ। ବ୍ରାହ୍ମଣପୁତ୍ରଙ୍କ ନାମ ଥିଲା ସୁମତି। ସେ ନୈଷ୍ଠିକ ବ୍ରାହ୍ମଣ ଥିଲେ। ସେ ପିତୃପକ୍ଷରେ ମାତାପିତାଙ୍କ ଶ୍ରାଦ୍ଧ ନିମିତ୍ତ ବ୍ୟବସ୍ଥା କରି ପତ୍ନୀଙ୍କୁ କ୍ଷୀରି ପ୍ରସ୍ତୁତ କରିବା ପାଇଁ କହି ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରିଥିଲେ। କ୍ଷୀରି ପ୍ରସ୍ତୁତି ପରେ ଅକସ୍ମାତ୍ ଏକ ବିଷଧର ସର୍ପ ଆସି କ୍ଷୀରିକୁ ବିଷାକ୍ତ କରିଦେଲା। କୁକ୍କୁରୀ ରୂପ ପାଇଥିବା ବ୍ରାହ୍ମଣୀ ଏହା ଦେଖି ଭାବିଲେ ଯେ ଯଦି କ୍ଷୀରିକୁ ବ୍ରାହ୍ମଣ ସେବନ କରିବେ, ତେବେ ବିଷ ପ୍ରଭାବରୁ ସେ ମୃତ୍ୟୁବରଣ କରିବେ ଏବଂ ପୁତ୍ର ସୁମତିକୁ ଏ ଦୋଷ ଲାଗିବ । ଏହା ବିଚାର କରି ସେ ବୋହୂର ଉପସ୍ଥିତିରେ କ୍ଷୀରିହାଣ୍ଡିକୁ ସ୍ପର୍ଶ କରିଥିଲା। ଏଥିରେ ବୋହୂ ରାଗିଯାଇ ଚୁଲିରେ ଜଳୁଥିବା କାଠ ଖଣ୍ଡେ ଆଣି କୁକ୍କୁରୀକୁ ପ୍ରହାର କଲା ଏବଂ ତାକୁ ଆଉ ଖାଇବାକୁ ଦେଲା ନାହିଁ ।

ରାତ୍ରିରେ କୁକ୍କୁରୀ ବଳଦକୁ ସବୁ କଥା କହିଲା। ବଳଦ ମଧ୍ୟ କହିଲା ଯେ ତାକୁ ସାରା ଦିନ ଖଟାଇ ଖାଇବାକୁ ଦିଆ ଯାଇନାହିଁ। ସୁମତି ଆମ ଦୁହିଁଙ୍କ ପାଇଁ ଶ୍ରାଦ୍ଧ କରୁଛି ଅଥଚ୍ ଆମେ ଦୁହେଁ ଭୋକରେ ମରୁଛୁ।

ଘରର ପିଣ୍ଡା ଉପରେ ଶୋଇଥିବା ସୁମତି ଦୁହିଁଙ୍କର କଥାବାର୍ତ୍ତା ଶୁଣିଥିଲା। ସେ ପଶୁମାନଙ୍କ ଭାଷା ବୁଝି ପାରୁଥିଲା। ତାର ମାତାପିତା ପଶୁ ଯୋନିରେ ଥିବା ଜାଣି ମର୍ମାହତ ହେଲା। ସେ ଜଣେ ଦୈବଜ୍ଞ ରଷିଙ୍କ ନିକଟକୁ ଯାଇ ମାତାପିତାଙ୍କୁ ପଶୁଯୋନି ମିଳିବାର କାରଣ ଏବଂ ସେଥିରୁ ମୁକ୍ତିର ଉପାୟ ବୁଝିଥିଲା। ରଷିଙ୍କ ଠାରୁ ସବୁ କଥା ଜାଣି ବ୍ରାହ୍ମଣ ସୁମତି ରଷି ପଞ୍ଚମୀ ବ୍ରତ କରିବାରୁ ମାତାପିତା ପଶୁଯୋନିରୁ ମୁକ୍ତ ହୋଇ ଦିବ୍ୟଗତି ଲାଭ କରିଥିଲେ ।

*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ*
*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଏବଂ ରକ୍ଷାବନ୍ଧନ :

ତା ୧୨.୮.୨୨ରିଖ ଶୁକ୍ରବାର ଗହ୍ମାପୂର୍ଣ୍ଣମୀ ତଥା ଶ୍ରୀବଳଭଦ୍ର ଜନ୍ମ ଅବସରରେ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇଥିଲା । ଏହା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନ



ଲାଗି ବର୍ଦ୍ଧି ବେଶ ବଢ଼ିଥିଲା । ଉକ୍ତ ବେଶରେ ନୂଆ ବୋଇରାଣି ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଏହାପରେ ସୁଦୁସୁଆର ପ୍ରସ୍ତୁତ କରିଥିବା ବଡ଼ବାଡ଼ରେ ଷଷ୍ଠିମାର୍କଣ୍ଡୀ ପୂଜା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସମାପନ ହେବା ପରେ ବଡ଼ବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସୁନା ଲାଗିଥିବା ପାଟରାକ୍ଷୀ ଲାଗି ହୋଇଥିଲା । ଏହାପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇ ପାଣିପଡ଼ିଲା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ବଢ଼ିଥିଲା । ଝୁଲଣକୁ ଦିଅଁ ବିଜେ ପରେ ଦଇତାପତିମାନେ ସିଂହାସନକୁ ଆସି ଶ୍ରୀସୁଦର୍ଶନ ମହାପ୍ରଭୁଙ୍କୁ ଚଉଦୋଳକୁ ବିଜେ କରାଇଥିଲେ । ଶ୍ରୀସୁଦର୍ଶନ ଝୁଲଣ ମଣ୍ଡପ ଠାରେ ଚୂଳ, ମାଳ ଲାଗି ସହିତ ସୁନା ହରିଡ଼ା ମାଳି ଲାଗି ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳରେ ଥିବା ଜହ୍ନିମୁଣ୍ଡିଆକୁ ବିଜେ ହୋଇଥିଲେ । ସେଠାରେ ସୁଦୁସୁଆର ଚିକିଟା ମାଟିରେ ବଳଭଦ୍ର ପ୍ରତିମା ତିଆରି କଲା ପରେ ପୂଜାପଣ୍ଡା ନ୍ୟାସ କରି ବିଧିମୁତାବକ ଜାତକର୍ମ କରିଥିଲେ । ପରେ ପାଣିପଡ଼ି ଶୀତଳ ଭୋଗ ସରିଲା ପରେ ମୁଦିରସ୍ତ ବନ୍ଦାପନା କରିଥିଲେ ଏବଂ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରିସାରିଲା ପରେ ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମକୁ ବିଜେ କରି ସେଠାରେ ବନ୍ଦାପନା, ଶୀତଳ ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ :

ତା ୧୮.୮.୨୨ ରିଖ ଗୁରୁବାର ପବିତ୍ର ଜନ୍ମାଷ୍ଟମୀ ଅବସରରେ ସଂଧ୍ୟାଧୂପ ବେଶରେ ନୂଆ ବୋଇରାଣୀ ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ସଂଧ୍ୟାଧୂପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର ଦୁଆର ଆଗରେ ପୋଛା ମରାଯାଇଥିଲା । ପରେ ପଞ୍ଚବର୍ଣ୍ଣ ମୁରୁଜରେ ଜଣେ ପୂଜାପଣ୍ଡା 'ସର୍ବତ୍ର ଭଦ୍ର ମଣ୍ଡଳ' ଲେଖିଥିଲେ । ଶୁଦ୍ଧସୁଆର ପୂଜା ଠା' କରନ୍ତେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବାକ୍ୟ ବିନିମୟରେ ବରୁଣ ପୂଜା କରିଥିଲେ । ରୂପା ପଦ୍ମ ପାଖୁଡ଼ା, କୃଷ୍ଣ ଜନ୍ମପଟି ଏବଂ ସୁବର୍ଣ୍ଣ କୃଷ୍ଣ ପ୍ରତିମା ଭଦ୍ରମଣ୍ଡଳ ଉପରେ ରଖାଯାଇଥିଲା । ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇ ଜନ୍ମ ଚକଡ଼ାରେ ବିଜେ କରିଥିଲେ । ଏଠାରେ ଗର୍ଭ ଉଦକ କର୍ମ, ଶୀତଳ ଭୋଗ ପରେ ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ାଇ ହୋଇ ଦେବକୀ ଓ ବସୁଦେବ ଭାବରେ ଶ୍ରୀକୃଷ୍ଣଙ୍କୁ ଜନ୍ମ କରାଇଥିଲେ । ଜନ୍ମନୀତି ଶେଷ ହେବା ପରେ ପ୍ରସାଦ ଲାଗି, ଦୁଧ ଲହୁଣୀ ଓ ଗାଣ୍ଡୁଷ ମସଲା ସମର୍ପଣ ପୂର୍ବକ ମଣୋହି ପରେ କର୍ପୂର ଆଳତି ହୋଇ ରୂପା ଥାଳିରେ ମଦନମୋହନ ବିଜେ କରି ବାହାରକୁ ଆସିଥିଲେ । ଜଣେ ସେବକ ଉଗ୍ରସେନ ଭାବରେ ଦଣ୍ଡପ୍ରଣାମ କରିଥିଲେ । ଏହି ସମୟରେ ବେହେରା ଖୁଣ୍ଟିଆ ଠାକୁରଙ୍କ ମସ୍ତକ ଉପରେ ସପ୍ତଫେଣା ବାସୁକୀଙ୍କୁ ଧରି ଚାଲିଥିଲେ । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନା କରିବା ପରେ ମଦନମୋହନ ନାଭିକଟା ମଣ୍ଡପ ଠାରେ ଖଟ ଶେଯ ଉପରେ ବିଜେ କରିଥିଲେ ଏବଂ ମହାଜନମାନେ ଦକ୍ଷିଣ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯ ଉପରେ ବିଜେ କରାଇଥିଲେ । ଏହାପରେ ନାଭି ଛେଦନ ହୋଇ ପଞ୍ଚାମୃତରେ ମହାସ୍ନାନ, ଶୀତଳଭୋଗ ମଣୋହି ଓ ବନ୍ଦାପନା ପରେ ମହାଜନମାନେ ଠାକୁରମାନଙ୍କୁ ହାତରେ ବିଜେ କରାଇ ଜଗମୋହନରେ ପ୍ରସ୍ତୁତ କରାଯାଇଥିବା ଦୋଳିରେ ବିଜେ କରାଇଥିଲେ । ଏଠାରେ ଶୀତଳଭୋଗ ଛାମୁଁକୁ ଆସିବା ପରେ ପ୍ରସାଦ ଲାଗି, ପୂଜା ଓ ମଣୋହି ହୋଇ ବନ୍ଦାପନା ସରିବା ପରେ ଭିତରେ ପାଣି ପଡ଼ି, ବଡ଼ସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ :

ତା ୨୩.୮.୨୨ରିଖ ମଙ୍ଗଳବାର ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ସରିଲାପରେ ମଦନମୋହନ, ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଲୋକନାଥ ରୋଡ଼ରେ ଥିବା ଲବଣୀଖିଆକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଘରର ବୋହୁମାନେ ସର, ଲବଣୀ ଭୋଗ କରିବାସହ ବନ୍ଦାପନା



କରିଥିଲେ । ସେଠାରୁ ଦିଅଁମାନେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିଥିଲେ । ସେଠାରେ 'କାଳୀୟ ଦଳନ ଲୀଳା' ପ୍ରସ୍ତାବ ଆଗତ ହୋଇଥିଲା । ଏହାପରେ ଶୀତଳଭୋଗ, ବନ୍ଦାପନା ହୋଇ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ସଂଧ୍ୟାଧୂପ ବେଶରେ ମହାପ୍ରଭୁ ସପ୍ତଫେଣୀ ସର୍ପ ଉପରେ ନୃତ୍ୟ ଭଙ୍ଗୀରେ ଦଣ୍ଡାୟମାନ ସହିତ ଦକ୍ଷିଣ ହସ୍ତରେ ବଂଶୀ ଓ ଉତ୍ତର ହସ୍ତରେ ସର୍ପର ଲାଙ୍ଗୁଡ଼କୁ ଧରିଥିଲେ । ସଂଧ୍ୟାଧୂପ ସରିଲା ପରେ ଜଗମୋହନକୁ ଦିଅଁମାନେ ବିଜେ କରିଥିଲେ । ସେଠାରେ କୁଣ୍ଡାଇବେଣ୍ଟ ସାହି ତରଫରୁ 'ଧେନୁକାସୁର ବଧ ପ୍ରସ୍ତାବ' ଆଗତ ହେବା ପରେ ଶୀତଳଭୋଗ, ବନ୍ଦାପନା ହୋଇ ଦିଅଁମାନେ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା ଓ ବସ୍ତ୍ରହରଣ ଲୀଳା :

ତା ୨୭.୮.୨୨ରିଖ ଶନିବାର ଭାଦ୍ରବ ଅମାବାସ୍ୟା ତିଥିରେ ଅବକାଶ ପରେ ବେଶ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଗୋପାଳବଲ୍ଲଭ ଭୋଗ ସରିଲା ପରେ ସକାଳ ଧୂପକୁ ସାତପୁରୀ ଭୋଗ ଘଣ୍ଟଛତା କାହାଳୀରେ ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ଭୋଗ ପୂଜା ବସି ସମାପନ ହୋଇ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ । ଏହାପରେ ନାରାୟଣ ଅମାବାସ୍ୟା ନିମନ୍ତେ ସାଗର ବିଜେ କରିଥିଲେ । ଅନ୍ୟାନ୍ୟ ନୀତି ହୋଇ ସନ୍ଧ୍ୟାଧୂପ ସମାପନ ପରେ ମଦନମୋହନ ଉତ୍ତରପାର୍ଶ୍ୱ ନାଟପା ମନ୍ଦିର ଖଟକୁ ବିଜେ କରିଥିଲେ । ସେଠାରେ କାଳିକାଦେବୀ ସାହି ତରଫରୁ 'ବସ୍ତ୍ରହରଣ ଲୀଳା ପ୍ରସ୍ତାବ' ଆଗତ ହେଲା ପରେ ଶୀତଳଭୋଗ, ବନ୍ଦାପନା ପରେ ଦକ୍ଷିଣଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ :



ତା ୩୧.୮.୨୨ରିଖ ବୁଧବାର ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ସନ୍ଧ୍ୟାଧୂପ ସରିଲା ପରେ ବଟ ଗଣେଶ ଓ କାଞ୍ଚି ଗଣେଶଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ହେଲା ପରେ ଭୁବନେଶ୍ୱରୀଙ୍କ ନିକଟରେ ଶୀତଳଭୋଗ ବନ୍ଦାପନା ହେବା ପରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନରେ ବେହେରଣ କରଣମାନଙ୍କ ମାଦଳାପାଞ୍ଜି ରଖାଯାଇ ପତନି ଓ ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା ଏବଂ ପରେ ୨୨ଟି ନଡ଼ିଆ କରଣମାନଙ୍କ ଦ୍ୱାରା ଭଙ୍ଗା ଯାଇଥିଲା ।

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୨) ରାମ ଓ କୃଷ୍ଣ

ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଥିବା ଦକ୍ଷିଣି ଘରେ ଶ୍ରୀବିଗ୍ରହମାନଙ୍କର ଅନେକ ବିଜେ ପ୍ରତିମା ବିରାଜମାନ କରିଥାନ୍ତି । ସେମାନଙ୍କ ମଧ୍ୟରୁ ରାମ ଓ କୃଷ୍ଣ ଅନ୍ୟତମ । ଏହି ଦୁଇ ପ୍ରତିମାଙ୍କର ଆକୃତି ଦେଖିବାକୁ ପ୍ରାୟ ଏକାପରି ଲାଗେ । ସ୍କନ୍ଦପୁରାଣରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାମ ଓ କୃଷ୍ଣ ବୋଲି ସମ୍ବୋଧନ କରାଯାଇଛି । ସ୍କନ୍ଦପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ଉନବିଂଶ ଅଧ୍ୟାୟରେ ଉଲ୍ଲେଖ ରହିଛି, ଯେତେବେଳେ ମହାବେଦୀରେ ମୂର୍ତ୍ତିଚତୁଷ୍ଟୟଙ୍କ ବେଷ୍ଟନ ଉନ୍ମୋଚନ କରାଗଲା, ସେତେବେଳେ ସମସ୍ତେ ଦେଖିଲେ ଯେ ରତ୍ନସିଂହାସନ ଉପରିଭାଗରେ ରାମ, କୃଷ୍ଣ, ସୁଭଦ୍ରା ଓ ସୁଦର୍ଶନ ଅବସ୍ଥାନ କରିଅଛନ୍ତି ।



ବେଷ୍ଟନଂ ମୋଚୟାମାସ ମହାବେଦ୍ୟାଂ ନୃପୋତ୍ତମଃ ।
ଦଦୃଶୁସ୍ତେ ତଦା ସର୍ବେ ରତ୍ନସିଂହାସନସ୍ଥିତମ୍ ॥
ରାମଂ କୃଷ୍ଣଂ ସୁଭଦ୍ରାଞ୍ଚ ବାସୁଦେବଂ ସୁଦର୍ଶନମ୍ ।
(ସ୍କ.ପୁ.ଉ.୨୧।୩୬,୩୭)

ଭକ୍ତକବି ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ମଧ୍ୟ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କୁ ରାମ ଓ କୃଷ୍ଣ ବୋଲି ଉଲ୍ଲେଖ କରାଯାଇଛି-

ଶୁଣି କମଳିନୀ ନିଦ୍ରାବତୀଙ୍କୁ ଗାଇଲେ ।
ବହନ ମୋ ବୋଲ କର ବୋଲିଣ ବୋଇଲେ ॥
ରାମ କୃଷ୍ଣ ନୟନରେ ନିଦ୍ରା ତୁ ଘାରିବୁ ।
କାଲି ବେଳ ଦୁଇଘଡ଼ି ଯାଏ ନ ଛାଡ଼ିବୁ ॥
ରାମ କୃଷ୍ଣ ଦୁହିଁକି ଯେ ଗଡ଼ାଇଣ ଦେବ ।
ଶୋଇବାର ରତ୍ନଖଟ ବହିଣ ଆଣିବ ॥

ଏ ଦୁହେଁ ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଓ ବଳରାମ ସହୋଦର ଭାଇ । ଉଭୟେ ଦେବକୀ ନନ୍ଦନ । ବଳରାମଙ୍କୁ ଦେବକୀଙ୍କ ଗର୍ଭରୁ କର୍ଷଣ କରି ନେଇ ଯୋଗମାୟା ଦେବୀ ରୋହିଣୀଙ୍କ ଗର୍ଭରେ ସଂସ୍ଥାପନ କରିଥିବାରୁ ତାଙ୍କୁ ସଂକର୍ଷଣ ଓ ରୋହିଣୀନନ୍ଦନ ବୋଲି କୁହାଯାଏ । ଦ୍ୱାପରଯୁଗୀୟ ଲୀଳାକ୍ରମରେ ଶ୍ରୀବଳଭଦ୍ରଙ୍କୁ ରାମ ଓ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ଅଭିହିତ କରାଯାଇଛି । ସେଥିପାଇଁ ଚନ୍ଦନ ଯାତ୍ରା ସମୟରେ ଶ୍ରୀବଳଭଦ୍ରଙ୍କ ଠାରୁ ଆଜ୍ଞାମାଳ ଆଣି ରାମଙ୍କୁ ଓ ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ କୃଷ୍ଣଙ୍କୁ ଦିଆଯାଏ । ମହାପ୍ରଭୁଙ୍କର ବାହାର ଚନ୍ଦନ ଯାତ୍ରା ଏକୋଇଶ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏହି ଦିନମାନଙ୍କରେ ଶ୍ରୀମନ୍ଦିରସ୍ଥ ଦକ୍ଷିଣି ଘରେ ଚନ୍ଦନ ସର୍ବାଙ୍ଗ ବଢ଼ି ଭୋଗ ସରିବା ପରେ ମଦନମୋହନ, ରାମ ଓ କୃଷ୍ଣ ବିଜେ ପ୍ରତିମାମାନଙ୍କୁ ମହାଜନ ସେବକମାନେ ହାତରେ ରତ୍ନସିଂହାସନକୁ ବିଜେ କରାନ୍ତି । ମଧ୍ୟାହ୍ନ ଧୂପ ପୂଜା ଓ ଯାତଭୋଗ ମଣୋହି ପରେ ବନ୍ଦାପନା ନୀତି ଶେଷ ହୁଏ । ଏହାପରେ ଆଜ୍ଞାମାଳ ପାଇ ପାଲିଙ୍କିରେ ରାମ ଓ କୃଷ୍ଣ, ମଣିବିମାନରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ନୌବିହାର ନିମନ୍ତେ ଯାତ୍ରା କରିଥାନ୍ତି । ସର୍ବାଗ୍ରରେ ପାଲିଙ୍କିରେ ରାମ ଓ କୃଷ୍ଣ, ତାଙ୍କ ପଛକୁ ମଣିବିମାନରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ସବାପଛରେ ପଞ୍ଚ ମହାଦେବ ସ୍ୱ ସ୍ୱ ବିମାନରେ ବସି ପଟୁଆରରେ ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥାନ୍ତି । ଅକ୍ଷୟ ତୃତୀୟା ଦିନ ନରେନ୍ଦ୍ର ପୁଷ୍କରିଣୀରେ ଦିନଚପ ଏକଘେରା ବୁଲି କୂଳରେ ଲାଗିଲା ପରେ ଦୁଇ ଚପ ଏକତ୍ର ହୋଇ ବଡ଼ ଚପରୁ ରାମ ଓ କୃଷ୍ଣ ଦୁଇ ଦେବ ଶ୍ରୀମଦନମୋହନଙ୍କ ଚପକୁ ଆସିଲା ଉତ୍ତାରେ ବନ୍ଦାପନା ହୋଇ ଚମର ଆଲଟ ପରେ ଚନ୍ଦନ ଚକଡ଼ାର ଜଗତି ଉପରକୁ ବିଜେ ହୋଇ ଜଳକୁଣ୍ଡକୁ ବିଜେ କରନ୍ତି । ବାହାର ଚନ୍ଦନ ଏକୋଇଶ ଦିନ ରାମ ଓ କୃଷ୍ଣ ବଡ଼ ଚପ ବା ନାଲି ଚପରେ ଅଗ୍ରଭାଗରେ ତାଙ୍କ ପାଇଁ ଉଦ୍ଦିଷ୍ଟ ସିଂହାସନରେ ବିଜେ କରନ୍ତି । ତାଙ୍କ ପଛ ସିଂହାସନରେ ପଞ୍ଚ ମହାଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର ଓ ଶ୍ରୀକପାଳମୋଚନ (ପଞ୍ଚପାଣ୍ଡବ ନାମରେ ଖ୍ୟାତ) ବିଜେ କରନ୍ତି । ପ୍ରତିଦିନ ଏକଥର ଦିନ ଚପ ବିଧି ସରିବା ପରେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଜଗତିର ମଧ୍ୟଭାଗରେ, ପଞ୍ଚପାଣ୍ଡବ ପଶ୍ଚିମ ପାର୍ଶ୍ୱରେ ଥିବା ଚନ୍ଦନକୁଣ୍ଡରେ ଏବଂ ରାମ ଓ କୃଷ୍ଣ ଚନ୍ଦନ ମଣ୍ଡପର ଜଗତି ଉପରେ ପୂର୍ବ ଭାଗକୁ ଥିବା ଜଳକୁଣ୍ଡରେ ସୁବାସିତ ପୁଷ୍ପ, ଚନ୍ଦନ, କର୍ପୂର ମିଶ୍ରିତ ଜଳରେ ସ୍ନାନ କରିଥାନ୍ତି । ଜଳକୁଣ୍ଡରୁ ଉଠିବା ପରେ ପୋଛାପୋଛି ସରି ବିଭିନ୍ନ ପୁଷ୍ପମାଲ୍ୟ ଓ ପାଟ ବସ୍ତ୍ରରେ ବେଶ କରାଯିବା ପରେ ରାମ ଓ କୃଷ୍ଣାଦିଙ୍କ ନିକଟରେ ପଞ୍ଚ ଉପଚାର ବିଧିରେ ଶୀତଳଭୋଗ ଲାଗି ହୋଇଥାଏ । ତତ୍ପରେ ଦେବ ବିଗ୍ରହମାନଙ୍କୁ ଭିତରକୁ ନିଆଯାଇ ନରେନ୍ଦ୍ର ଚକଡ଼ା ରୋଷରେ ପ୍ରସ୍ତୁତ ମାଣ୍ଡୁଆ ଭୋଗ ଲାଗେ ଓ ବିଡ଼ିଆ ମଣୋହି ହୋଇଥାଏ । ଏହାପରେ ଠାକୁରମାନେ ରାତ୍ର ଚପକୁ ବିଜେ କରନ୍ତି । ପ୍ରତିଦିନ ରାତ୍ରଚପ ତିନି ଘେରା ହୁଏ । କେବଳ ଭଉଁରୀ ଦିନ ଏକୋଇଶି ଘେରା ଚପ ହୋଇଥାଏ । ଚନ୍ଦନ ଯାତ୍ରାର ଶେଷ ଦିନ ବା ହଳଦୀ ପାଣି ଦିନ, ଦିନ ଚପ ପରେ ଧଳା ଚପ ନିକଟକୁ ନାଲି ଚପ ଆସେ । ନାଲି ଚପରୁ ରାମ ଓ କୃଷ୍ଣ ଧଳା ଚପକୁ ଆସିବା ପରେ ହଳଦୀପାଣି ପିଚକାରୀ ଓ ବନ୍ଦାପନା ଇତ୍ୟାଦି ବିଧି କରାଯାଏ । ଏହି ଦିନ ଠାକୁରମାନେ ଶୀତଳଭୋଗ ଓ ମାଣ୍ଡୁଆ ଭୋଗ ଖାଇ ଶ୍ରୀମନ୍ଦିରକୁ ବାହୁଡ଼ି ଥାନ୍ତି । ଅକ୍ଷୟ ତୃତୀୟା ଦିନ ରଥ ଖଳାରେ ରଥ ଅନୁକୂଳ ସମୟରେ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ, ପଞ୍ଚମହାଦେବଙ୍କ ସହିତ ରାମ ଓ କୃଷ୍ଣ ମଧ୍ୟ ପାଲିଙ୍କିରେ ଉପସ୍ଥିତ ରହନ୍ତି ।

(କ୍ରମଶଃ)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
● *ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*



ତା. ୩୦.୮.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏ.ଏସ୍.ଜି. ହସ୍ପିଟାଲ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ନିଃଶୁଳ୍କ ଚକ୍ଷୁ ଚିକିତ୍ସା' ଶିବିର

# ଶ୍ରୀଜଗନ୍ନାଥ ଧର୍ମଧାରା

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

ପରିଶେଷରେ ସୂର୍ଯ୍ୟବଂଶୀ ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ବଙ୍ଗଦେଶୀୟ ବୈଷ୍ଣବ ଭକ୍ତ ଚୈତନ୍ୟ ପୁରୀ ଆସି ଏଠାରେ ଦୀର୍ଘ ଚବିଶ ବର୍ଷ ବାସ କରିଥିଲେ ଓ ନିୟମିତ ଜଗନ୍ନାଥଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଯାଉଥିଲେ । ସେ ଜଗନ୍ନାଥଙ୍କୁ କୃଷ୍ଣଙ୍କ ରୂପରେ ଦର୍ଶନ କରିଥିବା ବେଳେ ତାଙ୍କର ପାର୍ଷଦମାନେ ତାଙ୍କୁ ସ୍ୱୟଂ ଜଗନ୍ନାଥଙ୍କ ଅବତାର ବୋଲି ମନେ କରିଥିଲେ । ରାଜା ପ୍ରତାପରୁଦ୍ରଙ୍କ ସହିତ ତାଙ୍କର ଘନିଷ୍ଠ ପରିଚୟ ଥିଲା । ତାଙ୍କ ପ୍ରଭାବରେ ଜଗନ୍ନାଥଙ୍କ ସେବାପୂଜା କେତେ ଭାବରେ ନିୟମିତ ଓ ଶୃଙ୍ଖଳିତ ହୋଇଥିବା ମଧ୍ୟ ଅନୁମାନ କରାଯାଏ । ଚୈତନ୍ୟଦେବ ଶୁଦ୍ଧଭକ୍ତି ବା ପ୍ରେମଭକ୍ତିର ପ୍ରଚାରକ ଥିଲେ ଓ ନାମସଂକୀର୍ତ୍ତନ, ଭଜନାଦି ଦ୍ୱାରା ମନୁଷ୍ୟ ଜୀବନର ଚରମ ଲକ୍ଷ୍ୟ- କୃଷ୍ଣପ୍ରେମ ଲାଭ କରାଯାଇ ପାରୁଥିବାର ବିଶ୍ୱାସ କରିଥିଲେ । ପରବର୍ତ୍ତୀ କାଳରେ ରସିକାନନ୍ଦ, ଶ୍ୟାମାନନ୍ଦ ପ୍ରଭୃତି ଚୈତନ୍ୟପନ୍ଥୀ ବହୁ ବୈଷ୍ଣବ ସନ୍ନ୍ୟାସୀ, ଭକ୍ତ ଓ ସାଧୁ ଏହି କ୍ଷେତ୍ରକୁ ଆସି ସେମାନଙ୍କର ମଠ ଓ ଆଶ୍ରମମାନ ପ୍ରତିଷ୍ଠା କରିଯାଇଛନ୍ତି ।



ଏହି ସମୟରେ ଓଡ଼ିଶାରେ ଆଉ ଏକ ପ୍ରକାର ବୈଷ୍ଣବ ଧର୍ମର ଅଭ୍ୟୁଦୟ ଘଟିଥିଲା । ତାହାର ପ୍ରବକ୍ତା ଥିଲେ ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଅନନ୍ତ ନାମକ ପାଞ୍ଚଜଣ ବୈଷ୍ଣବ । ସେମାନେ ପଞ୍ଚସଖା ନାମରେ ବିଦିତ । ସେମାନଙ୍କର ସାଧନାମାର୍ଗକୁ ଜ୍ଞାନମିଶ୍ରା ଭକ୍ତିବାଦ କୁହାଯାଏ । ସେମାନେ ଜଗନ୍ନାଥଙ୍କୁ ହିଁ ଷୋଳକଳାରେ ପରିପୂର୍ଣ୍ଣ ପରମତତ୍ତ୍ୱ ରୂପରେ ଗ୍ରହଣ କରିଥିଲେ । କୃଷ୍ଣ ସମେତ ସମସ୍ତ ଅବତାର ଜଗନ୍ନାଥଙ୍କର ହିଁ କଳାବିଶେଷ ବା ଅଂଶାବତାର । ସେହିପରି ପୁରୁଷୋତ୍ତମ କ୍ଷେତ୍ର ହେଉଛି ନିତ୍ୟକ୍ଷେତ୍ର ଓ ଅନ୍ୟ କ୍ଷେତ୍ରଗୁଡ଼ିକର ଉତ୍ପତ୍ତି ଏହାଠାରୁ ହେଉଛି । ଯୋଗବଳରେ ଷଟ୍‌ଚକ୍ର ଭେଦ କରି ପରଂବ୍ରହ୍ମସ୍ୱରୂପୀ ଜଗନ୍ନାଥଙ୍କୁ ଲାଭ କରାଯାଇପାରେ । ତାହା ଛଡ଼ା ଗୌଡ଼ୀୟ ବୈଷ୍ଣବମାନଙ୍କ ଠାରୁ ଏମାନଙ୍କର ମହାମନ୍ତ୍ର, ଗାୟତ୍ରୀ ଓ ପ୍ରମାଣଗ୍ରନ୍ଥ ମଧ୍ୟ ଭିନ୍ନ । ତେଣୁ ପଞ୍ଚସଖାଙ୍କ ଦ୍ୱାରା ପ୍ରବର୍ତ୍ତିତ ଓଡ଼ିଶୀ ବୈଷ୍ଣବଧର୍ମ କେତେକାଂଶରେ ଗୌଡ଼ୀୟ ବୈଷ୍ଣବ ବିଚାରଧାରା ଠାରୁ ପୃଥକ୍ । ସେମାନଙ୍କର ବିଭିନ୍ନ ରଚନାବଳିରେ ଓଡ଼ିଆ ସାହିତ୍ୟ ମଧ୍ୟ ସମୃଦ୍ଧ ହୋଇଅଛି ।

ଏହିପରି ଭାବରେ ଜଗନ୍ନାଥ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସଂପ୍ରଦାୟର ବୈଷ୍ଣବମାନଙ୍କ ଦ୍ୱାରା ଆରାଧ୍ୟ ହେବା ସଙ୍ଗେ ସଙ୍ଗେ ଶୈବ, ଶାକ୍ତ, ସୌର, ଗାଣପତ୍ୟାଦି ଅନ୍ୟାନ୍ୟ ସଂପ୍ରଦାୟ ସାଧୁସନ୍ଥଙ୍କ ଦ୍ୱାରା ମଧ୍ୟ ବନ୍ଦିତ ହୋଇଛନ୍ତି । ସନ୍ଥ ତୁଳସୀଦାସ ତାଙ୍କୁ ରାମଚନ୍ଦ୍ର ରୂପରେ ଓ ଗଣପତି ଭଟ୍ଟ ତାଙ୍କୁ ଗଣେଶ ରୂପରେ ଦର୍ଶନ କରିଥିବା ମଧ୍ୟ ପ୍ରସିଦ୍ଧ ଅଟେ । ଏବେ ସବୁ ସମ୍ପ୍ରଦାୟର ଭକ୍ତମାନେ ଶ୍ରୀମନ୍ଦିରକୁ ଆସି ଜଗନ୍ନାଥଙ୍କର ଦର୍ଶନ ଓ ପୂଜାଦି କରୁଛନ୍ତି । କେବଳ ହିନ୍ଦୁମାନଙ୍କର ହିଁ ମନ୍ଦିର ମଧ୍ୟରେ ପ୍ରବେଶ କରିବାର ଅଧିକାର ଅଛି ।

## ଶ୍ରୀଜଗନ୍ନାଥଙ୍କର ସେବକଗଣ

ଶ୍ରୀଜଗନ୍ନାଥଙ୍କର ସେବାୟତ ବା ସେବକମାନେ ଛତିଶ ଭାଗରେ ବିଭକ୍ତ ହୋଇଥିବା ଓ ସାମୂହିକ ଭାବରେ ଏହି ସେବକବର୍ଗଙ୍କୁ ଛତିଶା ନିଯୋଗ କୁହାଯାଉଥିବା ପରମ୍ପରା ଥିଲେ ମଧ୍ୟ ବହୁ ପ୍ରକାର ସେବା ଏହି ସେବାୟତମାନଙ୍କ ଦ୍ୱାରା ସଂପାଦିତ ହୁଏ । ସେମାନେ ବଂଶପରଂପରା କ୍ରମେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସେବା ତିନିବାଡ଼ରେ କରନ୍ତି । ତାହା ବ୍ୟତୀତ ସେମାନେ ମନ୍ଦିର ମଧ୍ୟରେ ଥିବା ଅନ୍ୟାନ୍ୟ ଦେବଦେବୀଙ୍କର ସେବା ମଧ୍ୟ ସଂପାଦନ କରିଥାନ୍ତି । ପ୍ରତ୍ୟେକଙ୍କର ସେବା କାର୍ଯ୍ୟ ଅନ୍ୟଠାରୁ ପୃଥକ ଓ ତାହା ପୂର୍ବୋକ୍ତ ସ୍ୱତ୍ୱଲିପିରେ ଲିପିବଦ୍ଧ ହୋଇଅଛି । ନିୟମ ଅନୁସାରେ କେହି ନିଜର ଉଦ୍ଦିଷ୍ଟ କାର୍ଯ୍ୟ ବ୍ୟତୀତ ଅନ୍ୟର କାର୍ଯ୍ୟ କରିପାରିବେ ନାହିଁ । ସେଥିପାଇଁ ସମସ୍ତ ସେବକ ପ୍ରତିଦିନ ମିଳିତ ଭାବରେ ନିଜନିଜର ଅଧିକାର ଅନୁସାରେ ସେବା କାର୍ଯ୍ୟ କରି ଥାଆନ୍ତି । ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବଦେବୀଙ୍କ ନିକଟରେ ଅର୍ପିତ ଭୋଗପ୍ରସାଦରୁ ଏହି ସେବକମାନେ ନିଜ ନିଜର ନିର୍ଦ୍ଧାରିତ ପ୍ରାପ୍ୟ ଓ ସ୍ୱତନ୍ତ୍ର ଆର୍ଥିକ ପୁରସ୍କାର ଗ୍ରହଣ କରିଥାଆନ୍ତି ।

ପୁରୀର ଗଜପତି ରାଜା ଜଗନ୍ନାଥଙ୍କର ପ୍ରଥମ ସେବକ । ସେ ପୂର୍ବ କାଳର ସ୍ୱାଧୀନ ସାର୍ବଭୌମ ଗଜପତି ରାଜାମାନଙ୍କର ବଂଶଧର । ସେ ରାଜନୀତି, ଛେରାପହଁରା ପ୍ରଭୃତି କର୍ମ କରନ୍ତି । ସେ କୌଣସି କାର୍ଯ୍ୟରେ ଅନୁପସ୍ଥିତ ରହିଲେ ମୁଦିରଥ ନାମକ ସେବକ ତାଙ୍କର କାର୍ଯ୍ୟ ତୁଲାନ୍ତି । ପୂର୍ବେ ରାଜାଙ୍କ ଅଧୀନରେ କେତେ ଜଣ ପରିଚ୍ଛା ମନ୍ଦିରର ପରିଚାଳନା କରୁଥିଲେ । ଏବେ ସେମାନଙ୍କର କାର୍ଯ୍ୟ ସୀମିତ ହୋଇଯାଇଛି ।

(କ୍ରମଶଃ...)

● *(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପରିସରରେ 'ଘେନାଣ ସରଘର' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ରୋଷ ପରିସର ମଧ୍ୟରେ କୋଠଭୋଗ ରୋଷକୁ ଲାଗି ଏକ ସ୍ୱତନ୍ତ୍ର ଘର । ଯେଉଁଠାରେ କୋଠଭୋଗ ସାମଗ୍ରୀ ରହେ ।

୨. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବେଶ ପରମ୍ପରାରେ 'ଘୋଡ଼ ଲାଗି' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରେ ଶୀତବସ୍ତ୍ର ଲାଗି ହେବା । ଶ୍ରୀମନ୍ଦିରରେ ମାର୍ଗଶିର ଓଡ଼ଣ ଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଘୋଡ଼ (ଶୀତବସ୍ତ୍ର) ଲାଗି ହୁଏ । ଘୋଡ଼ଲାଗି ସମୟରେ ପୂଜାପଣ୍ଡାମାନେ ମଧ୍ୟାହ୍ନ ଧୂପ ଛଡ଼ା ଅନ୍ୟ ଧୂପମାନଙ୍କରେ ସିଂହାସନ ଉପରେ ନ ବସି ପୋଖରୀଆର ଘର ତଳେ ବସି ପୂଜା କରନ୍ତି । ଏହି ନୀତି କେବଳ ସପ୍ତାହର ଭିନ୍ନ ଭିନ୍ନ ଦିନରେ ଠାକୁରଙ୍କୁ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ ଲାଗି ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିର ଶବ୍ଦାବଳୀରେ 'ଘୋଡ଼ା ବା ଘୋଡ଼ିଆ'ର ଅର୍ଥ କ'ଣ ?
ଉ - ଉଚ୍ଚରେ କାମ କରିବା ପାଇଁ ଏହି ଉଚ୍ଚା ମେଜ । ଏହା ଏକ ପ୍ରକାର ଉଚ୍ଚ କାଠ ତିଆରି ଭାଡ଼ି । ରତ୍ନ ସିଂହାସନ ଉପରେ ଏବଂ ଏହା ଉପରେ ଠିଆ ହୋଇ ସେବକମାନେ ଠାକୁରଙ୍କ ବେଶ କରିଥାନ୍ତି । ଏହାକୁ ମଧ୍ୟ ଘୋଡ଼ଚି କୁହାଯାଏ ।

୪. ପ୍ର - ଶ୍ରୀମନ୍ଦିରରେ 'ଘୋଡ଼ା ବାରିକ ଖୁଣ୍ଟିଆ'ଙ୍କ ଭୂମିକା କ'ଣ ?
ଉ - ଘୋଡ଼ା ନିଆ ଆଣ କରୁଥିବା ସେବକ ।

୫. ପ୍ର - ଶ୍ରୀମନ୍ଦିରରେ ବ୍ୟବହାରିକ ଶବ୍ଦ 'ଚଉପଟ'ର ଅର୍ଥ କ'ଣ ?
ଉ - ନବକଳେବର ପାଇଁ ଦାରୁ ନିମନ୍ତେ ସଂଗ୍ରହ କରାଯାଉଥିବା ମୁଖ୍ୟଗଣ୍ଡି ଗଢ଼, ଗଢ଼ କରାଯାଇଥିବା ଦାରୁର ମଞ୍ଜ ଅଂଶ । ଗୋଲାକାର କାଠଗଣ୍ଡିକୁ କରତରେ କାଟି ପଳଖ ଅଂଶକୁ କାଢ଼ି ଦିଆଯାଇ ଚଉପଟ କରାଯାଏ ।

୬. ପ୍ର - ଶ୍ରୀମନ୍ଦିରରେ ବ୍ୟବହାରିକ ଶବ୍ଦ 'ଚଉସମ'ର ଅର୍ଥ କ'ଣ ?
ଉ - ଏହା ହେଉଛି ଚାରିଗୋଟି ସୁଗନ୍ଧ ଦ୍ରବ୍ୟର ସମାହାର ଯଥା- ଚନ୍ଦନ, ଅଗୁରୁ (କର୍ପୂର), କସ୍ତୁରୀ ଓ କୁଙ୍କୁମ । ଶ୍ରୀମନ୍ଦିର ଠାକୁରଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ବାସଯୁକ୍ତ ଲେପନ । ଚାରିଗୋଟି ଶ୍ଳେଷ୍ମା ନିବାରକ ଔଷଧ ଦ୍ରବ୍ୟର ଚୂର୍ଣ୍ଣ । ଯଥା- ଶୁଣ୍ଠି, ପିପ୍ପଳୀ, ଗୋଲମରିଚ୍ ଓ ବଚ । ଆୟୁର୍ବେଦରେ ଲବଙ୍ଗ, ହରିଡ଼ା, ସନ୍ଧେିବ ଓ ଜୁଆଣି ।

୭. ପ୍ର- ଶ୍ରୀବିଗ୍ରହମାନଙ୍କୁ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ମଧ୍ୟରେ 'ଚଉସରା'ର ଅର୍ଥ କ'ଣ ?
ଉ- ଏହା ହେଉଛି ଏକ ଚାରି ସରିଆ ମାଳା, ଶ୍ରୀଜଗନ୍ନାଥଙ୍କର ଶ୍ରୀଅଧର ଠାରୁ ଶ୍ରୀପୟର ପର୍ଯ୍ୟନ୍ତ ଲମ୍ବି ରହିଥାଏ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

## ପରିଶିଷ୍ଟ - 'ଗ'

### (୧) ଜୁଡ଼ିସିଆଲ୍ ପ୍ରୋସିଡିଂ - ଜୁନ୍ ୧୮୭୦

ପ୍ରୋସିଡିଂ ନଂ - ୧୦୬

ଓଡ଼ିଶାର କମିଶନର୍ ଟି.ଇ.ରେଭେନ୍‌ଶା ଏସ୍‌କ୍ୱୋୟାରଙ୍କ ଠାରୁ ବଙ୍ଗଳାର ସଚିବଙ୍କୁ ଲେଖା ଯାଇଥିବା ଚିଠି-

ନଂ-୪୦ କଟକ, ଜୁନ୍ ୧, ୧୮୭୦

ଆପଣଙ୍କର ଅଗଷ୍ଟ ୧୯ ତାରିଖର ପତ୍ର ସଂଖ୍ୟା ୧୩୫, ଜେ. ଅନୁଯାୟୀ, ଦୁର୍ଘଟଣାର ପ୍ରତିରୋଧ ନିମନ୍ତେ ଏକ ସ୍ୱତନ୍ତ୍ର ପୋଲିସ ବାହିନୀ ମୁତୟନ କରାଯିବା ସଂପର୍କରେ ମୁଁ ପୁରୀ ଜିଲ୍ଲାପାଳ, ରାଜା ଏବଂ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଛି ।



ରାଜା ମୁଣ୍ଡପିଛା ୫ ଟଙ୍କା ହିସାବରେ ୬୦ ଜଣଙ୍କୁ ଏକ ମାସ ଚଳିବା ନିମନ୍ତେ ୩୦୦ ଟଙ୍କା ଦେଇଛନ୍ତି । ଜିଲ୍ଲା ସୁପରିନ୍‌ଟେଣ୍ଡେଣ୍ଟ ସେମାନଙ୍କ ନାମ ତାଲିକାଭୁକ୍ତ କରିବେ ଏବଂ ସେମାନଙ୍କୁ ଏକ ସ୍ୱତନ୍ତ୍ର ବ୍ୟାଚ୍ ଓ ଛୋଟ ଲାଠି ଦିଆଯିବ । ସେମାନେ ଏକ ଅଭିଜ୍ଞ ପୋଲିସ ଅଫିସର୍‌ଙ୍କ ଅଧୀନରେ ରହିବେ ଏବଂ ଗତବର୍ଷ ଯେପରି ଦୁର୍ଭାଗ୍ୟଜନକ ଦୁର୍ଘଟଣା ଘଟିଥିଲା ତାହାର ଯେପରି ପୁନରାବୃତ୍ତି ନ ଘଟେ, ସେଥିପ୍ରତି ଦୃଷ୍ଟି ଦେଇ ଭିଡ଼ ମଧ୍ୟରେ ଜନତାଙ୍କୁ ରକ୍ଷା କରିବେ ।

୨- ମନ୍ଦିରର ମୁଖ୍ୟ ଫାଟକ ସାମନାରେ ଯେଉଁଠି ଲୋକମାନେ ଭିଡ଼ରେ ଚିପି ହୋଇଯିବାର ସମ୍ଭାବନା ରହିଛି, ସେଠାରେ ଶକ୍ତ କାଠର ବ୍ୟାରିକେଡ୍ ଦେବା ପାଇଁ ମଧ୍ୟ ମୁଁ ରାଜାଙ୍କୁ ନିର୍ଦ୍ଦେଶ ଦେଇଛି । ବ୍ୟାରିକେଡ୍ କାର୍ଯ୍ୟ ଜୁନ୍ ୧୫ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରାଯିବ ଏବଂ ଜିଲ୍ଲାର ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ସେଗୁଡ଼ିକର ନିରାପତ୍ତା ସଂପର୍କରେ ଜାଞ୍ଚ କରିବେ ।

ରାଜାଙ୍କର ଏହି ସ୍ୱତନ୍ତ୍ର ପୋଲିସ ବାହିନୀ ସହିତ ଏକ ସରକାରୀ ପୋଲିସ୍ ବାହିନୀ ଓ ସହରର ଚୌକିଦାରମାନେ ମଧ୍ୟ ରହିବେ । ଏହି ବ୍ୟବସ୍ଥା ଯଥେଷ୍ଟ ହେବ ବୋଲି ବିବେଚନା କରି ମୁଁ ଏହାକୁ ଅନୁମୋଦନ କରିଛି ଏବଂ ଆପଣଙ୍କ ଅବଗତି ନିମନ୍ତେ ଜଣାଉଛି । (ଅନୁବାଦିତ)

### (୨) ଜୁଡ଼ିସିଆଲ୍ ପ୍ରୋସିଡିଂ - ଜୁନ୍ ୧୮୭୦

ପ୍ରୋସିଡିଂ-୧୦୭

ବଙ୍ଗଳା ସରକାରଙ୍କ ଜୁନିୟର ସେକ୍ରେଟାରୀ- ଏ ମ୍ୟାକେନ୍‌ଜି. ଏସ୍‌କ୍ୱୋୟାରଙ୍କ ଠାରୁ ଓଡ଼ିଶା କମିଶନରଙ୍କୁ ଲିଖିତ ପତ୍ର ।

ନଂ-୨୮୭୦ ଫୋର୍ଟ ଉଇଲିୟମ୍, ଜୁନ୍ ୧୪, ୧୮୭୦

ଏକ ତାରିଖ ଦିନ ଆପଣଙ୍କ ଲିଖିତ ପତ୍ର ସଂଖ୍ୟା ୪୦ର ପ୍ରାପ୍ତି ସ୍ୱୀକାର ଜଣାଇବା ପାଇଁ ମୁଁ ନିର୍ଦ୍ଦେଶିତ ହୋଇଛି ଏବଂ ଉତ୍ତରରେ ଆପଣଙ୍କୁ ଜଣାଉଅଛି ଯେ, ଆସନ୍ତା ବର୍ଷ ପୁରୀରେ ରଥଯାତ୍ରା ସମୟରେ ଦୁର୍ଘଟଣା ନିୟନ୍ତ୍ରଣ ନିମନ୍ତେ ଆପଣ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହାକୁ ଲେଫ୍ଟନେଣ୍ଟ-ଗଭର୍ଣ୍ଣର ଅନୁମୋଦନ କରିଛନ୍ତି ।

● (କ୍ରମଶଃ...)

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

ଐତିହ୍ୟ ପୃଷ୍ଠାରୁ ...

## ମୁରୁଜ ରଥରେ ବିଜେ କରନ୍ତି ମହାପ୍ରଭୁ

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସ୍ଥାନ ବିଶେଷରେ ଭିନ୍ନ ଭିନ୍ନ ପ୍ରଥା ଓ ପରମ୍ପରାରେ ପାଳିତ ହେଉଅଛି । ଆସ୍ଥା ଓ ବିଶ୍ୱାସର କଥା ଇୟେ । ଅନେକ ସ୍ଥାନରେ ଗୋଟିଏ ରଥରେ ରଥଯାତ୍ରା ହେବା କଥା ଆମେ ଜାଣେ । ଏମିତି ବି ହେଉଛି- ନୂଆ ରଥ ନ ହୋଇ ପୁରୁଣା କାଠରେ ରଥ ଖଂଜା ହେଉଛି ।- କେତେକ ସ୍ଥାନରେ ତ ରଥ ଭଙ୍ଗା ହେବା ପରମ୍ପରା ବିଲକୁଲ ନାହିଁ । ସୁରକ୍ଷିତ ରଖାଯାଏ, ଆବଶ୍ୟକ ମରାମତି ହୋଇ ବ୍ୟବହାର କରାଯାଏ ।



ରଥଯାତ୍ରା ବିଧି ଅଛି, ଅଥଚ ରଥ ନାହିଁ । ମନ୍ଦିର ପରିସରରେ ନିର୍ଦ୍ଦିଷ୍ଟ ସ୍ଥାନକୁ ସିଂହାସନରୁ ବିଅଁଙ୍କୁ ପହଣ୍ଡି କରି ଅଣାଯାଏ, ନଅ ଦିନ ରହନ୍ତି, ପୁଣି ସିଂହାସନକୁ ଫେରିଯାନ୍ତି । ଏହା ବି ଓଡ଼ିଶାରେ ଆମେ ଦେଖୁ ।

ଓଡ଼ିଶାରେ ଏପରି ଏକ ମନ୍ଦିର ଅଛି ଯେଉଁଠି ସଂପୂର୍ଣ୍ଣ ଅଲଗା ତରିକାରେ ରଥଯାତ୍ରା ପ୍ରଚଳିତ । ବିଶ୍ୱ ବିରଳ ଯେ ତରିକା । ବିଭିନ୍ନ ରଙ୍ଗର ମୁରୁଜରେ ରଥ ତିଆରି ହେଉଛି । ଲାଗିବ ଅବିକଳ ରଥ ପରି । ଏଇ ରଥରେ ବିଜେ ହେଉଛନ୍ତି ମହାପ୍ରଭୁ ।

ରିଘାଗଡ଼ ଗାଁ କଥା ଇୟେ । ଏଇ ଗାଁ ଅଛି ରାଜନଗର ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ଦ୍ୱାରରେ । ରାଜା ବଳଭଦ୍ର ଭଂଜ ଏଇ ଗଡ଼ରେ ୧୭୭୩ ମସିହାରେ ମହାପ୍ରଭୁଙ୍କ ପାଇଁ ତୋଳି ଥିଲେ ଭବ୍ୟ ମନ୍ଦିରଟିଏ । ରଥଯାତ୍ରା ହେଉଛି ଏଠି ମୁଖ୍ୟ ଯାତ୍ରା । ସେବକ ତିଆରି କରନ୍ତି ମୁରୁଜ ରଥ । ଭକ୍ତଙ୍କର ସହଯୋଗ ରହେ । ରଥ ବି ସଂସ୍କାର ହୋଇ ପ୍ରତିଷ୍ଠା ହୁଏ । ବିଧି ମୁତାବକ ପହଣ୍ଡି ହୁଏ । ରଥରେ ବିଜେ କଲାପରେ ଅପୂର୍ବ ଶୋଭାରେ ନଅ ଦିନ ଧରି ବିଭୋର କରିଦିଅନ୍ତି ମହାପ୍ରଭୁ । ବାହୁଡ଼ା ଦିନ ପୁଣି ବାହୁଡ଼ି ଯାଆନ୍ତି । ମୁରୁଜ ହୋଇଯାଏ ମହାପ୍ରସାଦ । ସାଉଁଟି ନେଇ ମଥାରେ ମାରନ୍ତି ପିଲାଙ୍କଠୁ ବୁଢ଼ାବୁଢ଼ୀଙ୍କ ଯାଏଁ.... । ●

ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଐତିହ୍ୟ ବିଶାରଦ (ଦୋଳମଣ୍ଡପ ସାହି), ପୁରୀ-୧



ତା. ୨୫.୮.୨୨ରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଅନୁଷ୍ଠିତ 'କୃଷ୍ଣ ବଳରାମ' ବେଶ

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା...













# ଫଟୋରେ ଖବର ...



ତା. ୬.୮.୨୨ରେ ବାଡ଼ି ନୃସିଂହଙ୍କ ଘରି ଆଶ୍ରମ ବିଜେ



ତା. ୬.୮.୨୨ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ



ତା. ୧୨.୮.୨୨ରେ ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ଜନ୍ମ ଓ ରାକ୍ଷୀ ଲାଗି ଅବସରରେ ଶ୍ରୀସୁଦର୍ଶନଙ୍କ ମାର୍କଣ୍ଡେୟ ପୁଷ୍କରିଣୀକୁ ବିଜେ ।



ତା. ୧୯.୮.୨୨ରେ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବି.ଆର. ଷଡ଼ଙ୍ଗୀ, ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହଙ୍କ ଦର୍ଶନ ସାରି ଫେରୁଛନ୍ତି




ତା. ୨୬.୮.୨୨ରେ ସପ୍ତପୁରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଅଠରନଳାସ୍ଥିତ ମା' ଅଲାମଚଣ୍ଡୀ ମନ୍ଦିରରୁ ପାରମ୍ପରିକ ଭାବେ ଶ୍ରୀମନ୍ଦିରକୁ 'ସାତପୁରୀ ତାଡ଼' ବିଜେ କରାଯାଉଛି ।



ତା. ୨୭.୮.୨୨ରେ ସପ୍ତପୁରୀ ଅମାବାସ୍ୟା ପରିପ୍ରେକ୍ଷୀରେ ଶ୍ରୀନାରାୟଣଙ୍କ ସାଗର ବିଜେ ।

# ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ

କୋରାପୁଟ ସହରର ଉପକଣ୍ଠରେ ସୁନ୍ଦର ପାହାଡ଼ଟିଏ ଅଛି । ସେହି ପାହାଡ଼ ନାନା ବୃକ୍ଷଲତା ପରିଶୋଭିତ ଥିଲା । ସ୍ଥାନୀୟ ଆଦିବାସୀ ଜନସାଧାରଣ ସେହି ପାହାଡ଼ରୁ ନାନା ପ୍ରକାର ଫଳ ଫୁଲ ସଂଗ୍ରହ କରିଥାନ୍ତି । କୋରାପୁଟ ଜିଲ୍ଲାରେ ବାସ କରୁଥିବା ପରଜା, ଜୁଆଙ୍ଗ, ଗାଦ୍‌ବା ଆଦି ଜନଜାତିର ଲୋକମାନଙ୍କର ଏହି ପାହାଡ଼ ଅତି ପ୍ରିୟସ୍ଥଳ । ଆଦିବାସୀ ଭାଇଭଉଣୀମାନେ ଆବହମାନ କାଳରୁ ବୃକ୍ଷ ପୂଜା କରୁଥିଲେ । ସେମାନଙ୍କ ମତରେ ପୃଥିବୀ ସୃଷ୍ଟି ହେବା ପାଇଁ ତିନିଜଣ ଦେବଦେବୀ ଦାୟୀ । ସେମାନେ ହେଲେ ତାନା ପେନୁ, ମୁରବୀ ପେନୁ ଓ ଧରତୀ ପେନୁ । ଏମାନେ ଭାଇ ଭଉଣୀ । ପୃଥିବୀର ଜନସମାଜକୁ ରକ୍ଷା କରିବା ପାଇଁ ଏମାନେ ବୃକ୍ଷ ରୂପରେ ଉଭା ହୋଇଛନ୍ତି ।



ଲୋକମାନଙ୍କର ପୂଜା ଗ୍ରହଣ କରନ୍ତି । ହାରିଗୁହାରି ଶୁଣନ୍ତି । ବିପଦ ଆପଦରୁ ସମସ୍ତଙ୍କୁ ରକ୍ଷା କରନ୍ତି । ଭକ୍ତ ଯାହା ଆଦରରେ ସମର୍ପଣ କରେ ତାକୁ ଆନନ୍ଦ ମନରେ ଭୋଜନ କରନ୍ତି । ଆଦିବାସୀ ଭାଇ ଭଉଣୀମାନେ ସେମାନଙ୍କୁ ଆପଣା ପରିବାରର ରକ୍ଷକ ବୋଲି ଭାବି ନେଇଥାନ୍ତି । ୧୯୭୧ ମସିହାରେ କୋରାପୁଟ କଲେଜ ଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଗୋଟିଏ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଏଥିରେ ଯୋଗ ଦେଇଥିଲେ । କୋରାପୁଟ ଜିଲ୍ଲା ଏବଂ ଆଖପାଖ ଅଞ୍ଚଳରୁ ବହୁ ଦର୍ଶକ ଆସି ଏଠାରେ ପହଞ୍ଚିଥିଲେ । ସେମାନଙ୍କ ପାଇଁ ଆକର୍ଷଣ ଥିଲା ମହାପ୍ରଭୁଙ୍କର ବେଶ ପରିପାଟି । ଶ୍ରୀକ୍ଷେତ୍ରରେ ବର୍ଷସାରା ଦିଅଁମାନେ ଭିନ୍ନ ଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ସେହି ବେଶ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ର ଆସିଥାନ୍ତି । କୋରାପୁଟ ଅଞ୍ଚଳର ଶବର ପଲ୍ଲୀର ଭକ୍ତମାନେ ସେହି ବେଶ ସବୁ ଦର୍ଶନ କରିବା ପାଇଁ ଏବଂ ମହାପ୍ରଭୁଙ୍କ ମହିମା ସଂପର୍କରେ ଶୁଣିବା ପାଇଁ ସେଠାରେ ଆସି ପହଞ୍ଚିଥିଲେ । ଜଣେ ଆଦିବାସୀ ମା' ଦିଅଁମାନଙ୍କ ପାଖକୁ ଯାଇ ଭାବ ଛଳଛଳ ଆଖିରେ ଶ୍ରୀଜଗନ୍ନାଥଙ୍କୁ ଏକ ଲୟରେ ଚାହିଁ ରହିଲେ । ତାଙ୍କ ଭାଷାରେ ଗୁଣୁ ଗୁଣୁ ହୋଇ କହିଲେ, 'ତୁ ଏଠାରେ ଏକାକି ବସିଛୁ । ମୁଁ ତୋତେ ଖୋଜି ଖୋଜି ନୟାନ୍ତ ହେଲାଣି । ତୋ ପାଇଁ ପାଚିଲା କୋଳି, ବଣ ରାଇଜର ଫଳମୂଳ ଖୋଜି ଆଣିଛି । ତୋତେ ଆଜି ମନଭରି ଖୁଆଇ ଦେବି ।' ଏହା କହି କାନି ପଣତରେ ବାନ୍ଧିଥିବା ପାଚିଲା କୋଳି ବାହାର କଲେ । ପ୍ରଥମେ ନିଜେ ଚାଖି ସେଇ ଅଇଁଠା ଫଳକୁ ମହାପ୍ରଭୁଙ୍କୁ ସମର୍ପଣ କଲେ । ଏହି ଦୃଶ୍ୟ ଉପସ୍ଥିତ ଗବେଷକ, ଦର୍ଶକ ଏବଂ ଜନସାଧାରଣଙ୍କୁ ଭାବ ବିହ୍ୱଳ କରିଦେଲା । ତ୍ରେତୟା ଯୁଗରେ ଶବରୀର ଅଇଁଠା ଫଳ ମହାପ୍ରଭୁ ଆନନ୍ଦରେ ମଣୋହି କରିଥିଲେ । ଏ କଳିଯୁଗରେ ଅନାମଧେୟ ଶବରୀର ଫଳକୁ ଜଗତର ନାଥ ଶ୍ରୀଜଗନ୍ନାଥ ବିନା ସଂକୋଚରେ ସର୍ବଜନ ସମକ୍ଷରେ ମଣୋହି କଲେ । ଭକ୍ତିଭାବାପନ୍ନ ଜନସାଧାରଣ ଏବଂ ଆୟୋଜକମାନେ ସର୍ବସମ୍ମତି କ୍ରମେ ଘୋଷଣା କଲେ ପାହାଡ଼ ଉପରେ ମହାପ୍ରଭୁଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ ଏବଂ ଏ କ୍ଷେତ୍ରର ନାମ ରହିବ 'ଶାବର ଶ୍ରୀକ୍ଷେତ୍ର' । ପ୍ରଧାନ ସେବକ ରହିବେ ଶବର ସଂପ୍ରଦାୟର ଜଣେ ଭକ୍ତ । ମନ୍ଦିର ଠାରୁ ଦୁଇଶହ କିଲୋମିଟର ଦୂରରେ ନିର୍ମିତ ହେବ ଗୁଣ୍ଡିଚା ମନ୍ଦିର । ପାହାଡ଼ ଉପରେ ଥିବା ମନ୍ଦିରକୁ ଯିବାକୁ ହେଲେ ଏକଶହ ପାହାଚ ଚଢ଼ିବାକୁ ପଡ଼ିବ । ଘୋଷଣା କାର୍ଯ୍ୟକାରୀ ହେଲା । ୧୯୭୨ ମସିହାରେ ମନ୍ଦିର ନିର୍ମାଣ ହୋଇଗଲା ଏବଂ ନିୟମିତ ଭାବେ ପୂଜା ଆରାଧନା ଚାଲିଲା । ସମ୍ବଳ ଅଭାବରୁ ପ୍ରଥମେ ଗୋଟିଏ ରଥରେ ବିଜେ ହୋଇ ଦିଅଁମାନେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲେ । ୨୦୧୯ ମସିହାରେ ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ନାମରେ ତିନୋଟି ରଥ ନିର୍ମିତ ହେଲା । ଭାଇ ଭଉଣୀ ଓ ଚକ୍ର ସୁଦର୍ଶନ ସେହି ରଥମାନଙ୍କରେ ବିଜେ ହୋଇ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା କରୁଛନ୍ତି । ସ୍ଥାନୀୟ ଅଧିବାସୀ ଏବଂ କୋରାପୁଟ ଅଞ୍ଚଳର ଭକ୍ତ ଜନଗଣ 'ଶାବର ଶ୍ରୀକ୍ଷେତ୍ର'ର ରଥଯାତ୍ରାରେ ଯୋଗ ଦେଇ ଆପଣାକୁ ଧନ୍ୟ ମଣୁଛନ୍ତି ।

*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*

*ମଂଗଳାଘାଟ ରୋଡ଼, ପୁରୀ-୧*

## ସେପ୍ଟେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା ୧.୯.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ଦାହ ଲୀଳା |
| ତା ୨.୯.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଓ କୁକୁଟୀ ବ୍ରତ ଓ ଲଳିତା ସପ୍ତମୀ |
| ତା ୩.୯.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ କେକେଶୀ ବଧ ଓ ଦୁର୍ଗା ଶୟନ |
| ତା ୪.୯.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ରାଧାଷ୍ଟମୀ ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା ୫.୯.୨୨ ରିଖ ସୋମବାର | ଶ୍ରୀମନ୍ଦିରରେ କୃଷ୍ଣ ଲୀଳା, କଂସବଧ ପ୍ରସ୍ତାବ, ଲବଣୀଖିଆ ଏବଂ ମଥୁରାହାଟ ଜୁର |
| ତା ୬.୯.୨୨ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ |
| ତା ୭.୯.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ବାମନ ଜନ୍ମ, ସୁନିଆଁ ଓ ଇନ୍ଦ୍ରଧ୍ୱଜ ପୂଜା ଓ ଗରୁଡ଼ ପାର୍ଶ୍ୱପରିବର୍ତ୍ତନ |
| ତା ୮.୯.୨୨ ରିଖ ଗୁରୁବାର | ଶ୍ରୀମନ୍ଦିରରେ ବଳିବାମନ ବେଶ |
| ତା ୯.୯.୨୨ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଅନନ୍ତ ବ୍ରତ |
| ତା ୧୦.୯.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ |
| ତା ୧୭.୯.୨୨ ରିଖ ଶନିବାର | ଶ୍ରୀମନ୍ଦିରରେ ସହସ୍ରାକୁମ୍ଭାଭିଷେକ, ଦେବୀ ଉତ୍ଥାପନ, ମୂଳାଷ୍ଟମୀ, ଦ୍ୱିତୀୟା ଓଷା ଓ ଷୋଡ଼ଶଦିନାତ୍ମକ ପୂଜାରମ୍ଭ |
| ତା ୨୧.୯.୨୨ ରିଖ ବୁଧବାର | ଶ୍ରୀମନ୍ଦିରରେ ଇନ୍ଦିରା ଏକାଦଶୀ |
| ତା ୨୫.୯.୨୨ ରିଖ ରବିବାର | ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ ଓ ମହାଳୟା |

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : jagannath.or@nic.in * Web Site : www.shreejagannatha.in**

**Printed at : Rama Press, S.C.S. College Road, Near Amala Club, Puri**

ମୂଲ୍ୟ : ଦୁଇଟଙ୍କା ମାତ୍ର